## ୧୪ ଶହ ଲିଟର ପିଡିଏସ୍ କିରୋସିନ ଜବତ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜିଲାରେ ପିଡିଏସ୍ ସାମଗ୍ରୀ କଳାବଜାର ହେଉଥିବା ଅଭିଯୋଗ ହୋଇଆସୁଛି। ଅଇଁଠାପାଲି ଥାନା ପୋଲିସ ଶୁକ୍ରବାର ବରେଇପାଲି ନିକଟ ଏକ ଗୋଦାମ ଗୃହରୁ ୧୪ ଶହ ଲିଟର କିରୋସିନ ଜବତ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଘଟଣାରେ ସମ୍ପୃକ୍ତ ବରେଇପାଲି ନୂଆପଡାର ପପୁ ଅଗ୍ରୱାଲ ଓ ପ୍ରେମ ଅଗ୍ରୱାଲଙ୍କୁ ପୋଲିସ ଗିରଫ କରିଛି। କିରୋସିନ କେଉଁ ଏଲ-୨ କଣ୍ଟ୍ରାକ୍ଟରଙ୍କ ପାଖରୁ ଆସୁଥିଲା ଓ କାହା ପାଖକୁ ଯାଉଥିଲା ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ବୋଲି ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି। କିରୋସିନ ବିକ୍ରି କରିଥିବା ଏଲ-୨ କଣ୍ଟ୍ରାକ୍ଟରଙ୍କ ଲାଇସେନ୍ସ ରଦ୍ଦ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୫ଟା ।

## ସଂକ୍ଷେପରେ

### ୨୫ରେ ଡାକ ଅଦାଲତ

**ସମ୍ବଲପୁର, ୧୯।୩ (ବ୍ୟୁରୋ):** ସମ୍ବଲପୁର କ୍ଷେତ୍ରୀୟ ଡାକ ଅଦାଲତ ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୧୧ଟାରେ ପୋଷ୍ଟମାଷ୍ଟର ଜେନେରାଲ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହେବ। ଜନସାଧାରଣ ସେମାନଙ୍କ ଅଭିଯୋଗ ପ୍ରଥମେ ଡିଭିଜନ ସ୍ତରୀୟ ଡାକ ଅଦାଲତରେ ଉପସ୍ଥାପନ କରିବେ। ସେଠାରେ ସମାଧାନ ନ ହେଲେ ସେମାନେ କ୍ଷେତ୍ରୀୟ ଅଦାଲତରେ ଅଭିଯୋଗ କରିପାରିବେ ବୋଲି କୁହାଯାଇଛି। ଡାକଘର କାରବାର ସମ୍ବନ୍ଧୀୟ ଅଭିଯୋଗକୁ ତିନିକିତା କରି ସେଥିରେ ଡାକ ଘର ରସିଦ, ପ୍ରମାଣପତ୍ର, ଅଭିଯୋଗର ବିବରଣୀ, ଅଭିଯୋଗକାରୀଙ୍କ ନାମ ଓ ଠିକଣା ସହ ସୁପରିଣ୍ଟେଣ୍ଡେଣ୍ଟ କିମ୍ବା ସହାୟକ ଡାକ ନିର୍ଦ୍ଦେଶକ, ପୋଷ୍ଟମାଷ୍ଟର ଜେନେରାଲ କାର୍ଯ୍ୟାଳୟ ସମ୍ବଲପୁରକୁ ୨୨ ତାରିଖ ପୂର୍ବରୁ ପଠାଇବାକୁ ଅନୁରୋଧ କରାଯାଇଛି। ଡାକଘର ସ୍ଥାପନା, ନୂତନ ପଦ ସୃଷ୍ଟି, ଡାକଘର ଭଡା ଇତ୍ୟାଦି ଡାକ ଅଦାଲତ ପରିସର ଭୁକ୍ତ ନୁହେଁ। ସହାୟକ ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳଙ୍କ ସ୍ୱାକ୍ଷର ସମ୍ବଳିତ ପ୍ରେସ ବିବୃତିରେ ଏହା ଉଲ୍ଲେଖ ରହିଛି।

### ପାରମ୍ପରିକ ବିହନ ଓ ଖାଦ୍ୟମେଳା

**କିର୍ମିରା, ୧୯।୩ (ଡି.ଏନ.ଏ.):** କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ବଇଜାପାଲିଠାରେ ଗୁରୁବାର ପଞ୍ଚାୟତସ୍ତରୀୟ ପାରମ୍ପରିକ ବିହନ ପ୍ରଦର୍ଶନ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ତେଜରାଜ ସାହୁ ମୁଖ୍ୟଅତିଥି ଓ ବାଗଡିହି ଫରେଷ୍ଟ ରେଞ୍ଜର ବ୍ରଜମୋହନ ପଟ୍ଟନାୟକ, ସମ୍ବଲପୁର ସାମାଜିକ ସେବା ସଂସ୍ଥାର କଲ୍ୟାଣୀ ପଟ୍ଟନାୟକ, ବିଏଡବ୍ଲ୍ୟୁ ତପସ୍ୱିନୀ ନାଏକ, ୟୁଥ ୟୁନିଟ ଫାଉଣ୍ଡର ସଞ୍ଜୁଲତା ନାଏକ, ସିଷ୍ଟର ଷ୍ଟାଫ୍ ସନ୍ଧ୍ୟାରାଣୀ ବିଲୁଙ୍ଗାଲା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବଇଜାପାଲି ଓ ଆଖପାଖ ଅଞ୍ଚଳର ବହୁ ମହିଳା ଯୋଗଦେଇଥିଲେ।

### ଶ୍ରମ ଯୁଗ୍ମ କମିଶନରଙ୍କ ସହ ରାଠି ଉଦ୍ୟୋଗ ଶ୍ରମିକ ସଂଗଠନର ଆଲୋଚନା

**ସମ୍ବଲପୁର, ୧୯।୩ (ବ୍ୟୁରୋ):** ରାଠି କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ସମ୍ବଲପୁର ଶ୍ରମ ଯୁଗ୍ମ କମିଶନରଙ୍କ ଅଫିସ ସଭାକକ୍ଷରେ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେଣ୍ଟର ଅଫ୍ ଟ୍ରେଡ ୟୁନିୟନ୍ସ ଜାତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ଷଣ୍ଡ, ମଳୟ ନାୟକ, ଲଳିତ ମୋହନ ପଟ୍ଟନାୟକ, ରାଠି ଉଦ୍ୟୋଗ ଶ୍ରମିକ ସଂଘ ସଭାପତି ସୁଶାନ୍ତ କୁମାର ବିଶୋଇ, ସାଧାରଣ ସମ୍ପାଦକ ତୁଫାନ କୁମାର ପଲେଇଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବିଆର୍ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ ମାନବ ସମ୍ବଳ ବିକାଶ ବିଭାଗ ଜେନେରାଲ ମ୍ୟାନେଜର କୌଶିକ ଗୁପ୍ତା ଓ ଜେ ମହାପାତ୍ର ମଧ ଉପସ୍ଥିତ ଥିଲେ। ୨୫୩ ୱାର୍କମେନଙ୍କ ନିଯୁକ୍ତି ଓ ଜୁଲାଇ ୨୦୧୩ରୁ ବାକି ରହିଥିବା ଇପିଏଫ, ଇଏସ୍ଆଇ, ବୋନସ ଓ ଅନ୍ୟାନ୍ୟ ବକେୟା ପାଉଣା ପ୍ରଦାନ ପାଇଁ ଦାବି ହେଉଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ମାନି ନ ଥିଲେ। ଆସନ୍ତା ଏପ୍ରିଲ ୪ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ କାରଖାନା ଗେଟ୍ ସମ୍ମୁଖରେ ଧାରଣା ଦେବା ନିମନ୍ତେ ସ୍ଥିର ହୋଇଛି।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ସମ୍ବଲପୁର, ୧୯।୩ (ବ୍ୟୁରୋ):** ସମ୍ବଲପୁର ଜିଲା ଓକିଲ ସଂଘର ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଶରତ କୁମାର ମହାପାତ୍ରଙ୍କ ଶୁକ୍ରବାର ପଟ୍ଟନାୟକ ପଡା ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସ୍ତ୍ରୀ ଚାରୁପ୍ରିୟା ମହାପାତ୍ର, ପୁତ୍ର ବିମଳ ମହାପାତ୍ର, ଝିଅ ମମତାଙ୍କ ସମେତ ନାତିନାତୁଣୀ ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘ କର୍ମକର୍ତ୍ତା, ସଭ୍ୟ ଓ ଲଜପତରାୟ ଆଇନ କଲେଜ ପୁରାତନ ଛାତ୍ର ସଂଘ କର୍ମକର୍ତ୍ତା ଶରତଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆଇଆଇଏମ୍‌ରେ ଖୋଲିଲା ଏକ୍‌ଜିକ୍ୟୁଟିଭ ଏମ୍‌ବିଏ

**ସମ୍ବଲପୁର,୧୯।୩ (ବ୍ୟୁରୋ)**

ସମ୍ବଲପୁର ଆଇଆଇଏମ୍‌ରେ ଶୁକ୍ରବାର ପ୍ରଫେଶନାଲଙ୍କ ପାଇଁ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ଡିଗ୍ରୀ ପାଠ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏଥିରେ ଏସ୍‌ଇସିଏଲ୍‌ର ସିଏମ୍‌ଡି ଏ. ପି. ପଣ୍ଡା ମୁଖଅତିଥି ଭାବେ ଯୋଗଦେଇଥିଲେ। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ ମଣ୍ଡଳୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଳ୍ପର ନୂତନ ଆବଶ୍ୟକତା ଓ ପାରଙ୍ଗମତା ଉପରେ ଆଲୋଚନା ହୋଇଥିଲା। ଏଥିରେ ଡେଲଏଟର ଆସୋସିଏଟ ଡାଇରେକ୍ଟର ସନ୍ଦୀପ ଚାଟାର୍ଜୀ, ୱେଷ୍ଟର୍ନ ଡିଜିଟାଲ ଇଣ୍ଡିଆର ଏଚ୍ଆର ମୁଖ୍ୟ ଡ. କିରନମୟଦ ପେଣ୍ଡାଲା, ଅଶୋକ



ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ପାଠ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।

ଲିଲାଣ୍ଡ କମ୍ପାନୀର ମାନବସମ୍ବଳ ଉପସଭାପତି ଉମା ରାଓ, ୟଶ ବ୍ୟାଙ୍କର ଏକ୍‌ଜିକ୍ୟୁଟିଭ ଭି. ପି. ରାନଚନ୍ଦ୍ର ରାଓ ଅଂଶଗ୍ରହଣ କରିଥିଲେ। ଏହି ଦୁଇବର୍ଷିଆ ଡିଗ୍ରୀ ପାଠ୍ୟକ୍ରମରେ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ କରାଯିବ। ପ୍ରଫେସର ମହାଦେଓ ଜୟସ୍ୱାଲ କହିଥିଲେ, ପ୍ରତିଷ୍ଠାନଗୁଡିକର ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେବାକୁ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ପାଠ୍ୟକ୍ରମର ଡିଜାଇନ କରାଯାଇଛି। ଯେଉଁମାନଙ୍କର ଦୃଢ ଔଦୋଗିକ ଚିନ୍ତାଧାରା ରହିଛି

**ଔଦ୍ୟୋଗିକ ମାନସିକତାଧାରୀଙ୍କୁ ସହାୟକ ହେବ**

ସେମାନଙ୍କ ପାଇଁ ଏହା ଲାଭଦାୟକ। ଦେଶର ବିକାଶ ଓ ପ୍ରଗତି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ସଂଯୋଗ ନିର୍ମାଣରେ ସହାୟକ ହେବ। ସର୍ବନିମ୍ନ ୫୦ ପ୍ରତିଶତ ମାର୍କ ରଖିଥିବ ସ୍ନାତକ ଡିଗ୍ରୀ, ସର୍ବନିମ୍ନ ୩ବର୍ଷ ମ୍ୟାନେଜରିଆଲ/ ଔଦୋଗିକ/ପ୍ରଫେଶନାଲ ଅଭିଜ୍ଞତା ରହିଥିବା ଆବଶ୍ୟକ। ଏକ ବୈଧ ସିଏଟି/ ଜିଏମଏଟି/ ଗେଟ/ଜିଆରଇ ସ୍କୋର (୩୦।୫।୨୦୨୧ ସୁଦ୍ଧା ତିନିବର୍ଷରୁ ଅଧିକ ପୁରୁଣା ହୋଇ ନ ଥିବ) ମଧ ଆବଶ୍ୟକ ହେବ। ଉପରୋକ୍ତ ବୈଧ ଟେଷ୍ଟ ସ୍କୋର ନ ଥିବା ପ୍ରାର୍ଥୀଙ୍କୁ ଆଇ. ଆଇ. ଏମ୍‌ଏସ୍‌ଏ ଟି ଦେବାକୁ ପଡିବ।

# ନିଆଁରୁ ବର୍ତ୍ତିଲା ପେଟ୍ରୋଲ ଡିପୋ


ପେଟ୍ରୋଲ ଡିପୋ ନିକଟରେ ଲାଗିଥିବା ନିଆଁ ଲିଭାଯାଉଛି।

**କିର୍ମିରା,୧୯।୩ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ସାରସମାଲ ଓ ବନ୍ଧରପଡା ମଝିରେ ଥିବା ଆଇଓସିଏଲ୍ ପେଟ୍ରୋଲ ଡିପୋ ନିକଟ ବନାଞ୍ଚଳରେ କୌଣସି କାରଣରୁ ନିଆଁ ଲାଗିଯିବାରୁ ପେଟ୍ରୋଲ ଡିପୋ ଅଳ୍ପକେ ବର୍ତ୍ତିଯାଇଛି। ନିଆଁ ଦେଖି ଆଇଓସିଏଲ ମାର୍କେଟିଂ ମହାପ୍ରବନ୍ଧକ ଶରତ ଚନ୍ଦ୍ର ମହାପାତ୍ର ଝାରସୁଗୁଡା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ଗାଡି ଆସିବାରେ ବିଳମ୍ବ ହେବାରୁ ପେଟ୍ରୋଲ ଡିପୋ ପରିସରରେ ଥିବା ସମସ୍ତ ଗଛପତ୍ର ଜଳିବାରେ ଲାଗିଥିଲା। ଏହା ଜାଣିବା ପରେ ନିକଟରେ ଥିବା ଅଲଟ୍ରାଟେକ୍ ସିମେଣ୍ଟ କାରଖାନାର ଏଚ୍ଆର୍ ମୁଖ୍ୟ ଆଶିଷ କୁମାର ପାଳ ଓ ମୁଖ୍ୟ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ମହାପାତ୍ର କାରଖାନାର ଦମକଳ ବାହିନୀକୁ ପଠାଇଥିଲେ। ଦମକଳ ବାହିନୀର ଧନଞ୍ଜୟ ପଟେଲ, ବାବୁଲାଲ ବଗାର, ସନ୍ତୋଷ ପାତ୍ର, ଆଇଓସିଏଲ୍ ପାଇପ୍ ଲାଇନ ପ୍ରବନ୍ଧକ ଦୀପକ ରାଜ ସିଂ, ଫାୟାର ଫାଇଟର୍ ମଳୟ କୁମାର ଚୌଧୁରୀ, କିରନ କିଷାନ, ଅଶୋକ ଲରିଆ ପ୍ରମୁଖଙ୍କ ଉଦ୍ୟମରେ ନିଆଁ ଆୟତ୍ତ ହୋଇଥିଲା। ସେତେବେଳକୁ ଆଖପାଖ ଅଞ୍ଚଳର ସମସ୍ତ ଗଛଲତା ପୋଡି ପାଉଁଶ ହୋଇ ସାରିଥିଲା। ପୂର୍ବରୁ ଏଭଳି ଘଟଣା ଘଟିଥିଲେ ମଧ ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଏଣିକି ଜରୁରୀ ସେବା ପାଇଁ ୧୧୨ ନମ୍ବର

**ସମ୍ବଲପୁର,୧୯।୩ (ବ୍ୟୁରୋ)**

ସମ୍ବଲପୁର ଏସ୍‌ପି ଅଫିସ ସମ୍ମୁଖରେ ଶୁକ୍ରବାର ୟୁନିଫାଏଡ ଇମର୍ଜେନ୍ସି ସିଷ୍ଟମ ସେବାର ଉଦ୍‌ଘାଟନ କରାଯାଇଛି। ଆଇଜି ନରସିଂହ ଭୋଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରଥମେ ସ୍ୱାସ୍ଥ୍ୟ, ପୋଲିସ, ଅଗ୍ନିଶମ ଭଳି ଜରୁରୀ ସେବା ପାଇଁ ଭିନ୍ନ ଭିନ୍ନ ଟୋଲ ଫ୍ରି ନମ୍ବର ରହିଥିଲା। ଏବେ ସବୁ ଜରୁରୀ ସେବା ପାଇଁ ଗୋଟିଏ ନମ୍ବର ୧୧୨ ରହିଛି। ରାଜ୍ୟରେ ଗୋଟିଏ କଣ୍ଟ୍ରୋଲ ରୁମ ରହିଛି। ଫୋନ କରିବା ମାତ୍ରେ କେଉଁ ବିଭାଗର ଆବଶ୍ୟକତା ରହିଛି ସଙ୍ଗେ ସଙ୍ଗେ ସୂଚନା ଦିଆଯିବ। ଏସ୍‌ପି ଅଫିସ ପରିସରରେ ଏକ କଣ୍ଟୋଲ ରୁମ କରାଯାଇଛି। ଏଠାରେ ନିୟୋଜିତ କର୍ମଚାରୀ ମଧ ଜାଣିପାରିବେ। ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ସ୍ଥାନରେ ପିସିଆର ସଙ୍ଗେ ସଙ୍ଗେ ପହଞ୍ଚି ସେବା ଯୋଗାଇଦେବ। ଏବେ ପ୍ରଥମେ ସହରରେ ଆରମ୍ଭ ହୋଇଛି। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ୪ଟି ଗାଡି ଓ ୨ଟି ସ୍କୁଟି ରହିଛି। ଯେଉଁ ସ୍ଥାନକୁ ପିସିଆର ଯିବାରେ ସମସ୍ୟା ହେବ ସେଠାକୁ ୨ ଚକିଆ ଗାଡି ଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବାତୁଲା ଗଙ୍ଗାଧର,ଏସ୍‌ଡିପିଓ ତପନ କୁମାର ମହାନ୍ତିଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# ଦେଶୀମଦ, ପୋଚ ଜବତ: ୫ ଜଣଙ୍କ ନାଁରେ ମାମଲା

**ଦେବଗଡ଼,୧୯।୩(ଡି.ଏନ୍.ଏ.)**

ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମହୁଲ ପୋଚ ନଷ୍ଟ କରାଯିବା ସହ କୁସୁନାମଦ ଓ ଦେଶୀ ମହୁଲି ମଦ ଜବତ କରାଯାଇଛି। ଚୋରା ମଦ କାରବାର ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି। ଦେବଗଡ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ସବ୍‌ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ସାହୁ, ଏ.ଏସ୍.ଆଇ ଗୋବିନ୍ଦ ସାହୁ, ପଦ୍ମାଳୟା ମୁଣ୍ଡା, ଲୋକନାଥ ବେହେରା ଓ ବାଦଲ କୁମାର ବ୍ରହ୍ମା ପ୍ରମୁଖ ପୁରୁଣାଗଡ ପେଟ୍ରୋଲପମ୍ପସାହି, ହାତୀଶାଳ ସାହି, ପ୍ରଧାନସାହିର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢାଉ ସମୟରେ ପୁରୁଣାଗଡ ପେଟ୍ରୋଲପମ୍ପ ସାହିର ଅଜିତ ହସ୍ତୀ, ହାତୀଶାଳ ସାହିର ବିନୋଦ ଖାଡିଆ, ପ୍ରଧାନସାହିର ରଞ୍ଜିତ ସୋଲେ,ଅଜିତ ସୋଲେ ଓ ଶଶୀ ମୁଣ୍ଡାଙ୍କ ଘରୁ ବିପୁଳ ପରିମାଣର ଦେଶୀ ରନ୍ଧାମଦ, ମଦ ରନ୍ଧା ସରଞ୍ଜାମ ଜବତ କରିବା ସହ ୭୫୦ କିଲୋ କୁସୁନା ମଦ ଓ ୧୪୦ କିଲୋ ପୋଚ ନଷ୍ଟ କରିଥିଲେ।

# ପାନୀୟଜଳ ସମସ୍ୟା: ବିଡିଓଙ୍କୁ ଫେରାଦ

**ନାକଟିଦେଉଳ,୧୯।୩(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ପାଣିଗ୍ରାହୀପାଲି ଗ୍ରାମରେ ପାନୀୟଜଳ ସମସ୍ୟା ଲାଗିରହିଛି। ଗ୍ରାମର ମହିଳାମାନେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ବିବେକାନନ୍ଦ ସାହୁଙ୍କୁ ଭେଟି ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ ପାଣିଗ୍ରାହୀପାଲି ନାଏକପଡ଼ାରେ ପ୍ରାୟ ୧୫୦ ଲୋକ ବସବାସ କରନ୍ତି। ଗାଁ ମଝିରେ ଥିବା ଏକମାତ୍ର ନଳକୂଅ ଉପରେ ପଡ଼ାର ଲୋକେ ନିର୍ଭର କରିଆସୁଛନ୍ତି। ଖରାଦିନେ ଜଳସ୍ତର ହ୍ରାସ ଯୋଗୁ ନଳକୂଅରୁ ଖୁବ୍ କମ୍ ପାଣି ବାହାରୁଛି। ପୁଣି ଘର ପ୍ରତି ୨ ବାଲ୍‌ଟି ପାଣି ଭାଗ ପଡୁଛି। ଏତିକିରେ ଚଳିବା କଷ୍ଟ ହେଉଛି। ପଡାଠାରୁ ଅଧା କି.ମି. ଦୂରରେ ନଳକୂଅ ଥିବାରୁ ଖରାଦିନେ ଚାଲି ଚାଲି ଯାଇ ପାଣି


ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ସଂଗ୍ରହ କରିବାରେ ଅସୁବିଧା ହେଉଥିବା ପ୍ରକାଶ କରିଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ମହିଳାମାନେ ବିଡିଓଙ୍କୁ ନିବେଦନ କରିଥିଲେ। ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଓ ପ୍ରମୋଦ କୁମାର ସାହୁ ମଧ ଏହି ସମସ୍ୟା ନେଇ ବିଡିଓଙ୍କ ସହ ଆଲୋଚନା କରିଥିଲେ। ବିଡିଓ ସାହୁ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ସହିତ କଥାହୋଇ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ବିଶାଖା ପ୍ରଧାନ, ପଦ୍ମିନୀ ସ୍ୱାଇଁ, ବୀଣା ନାଏକ, ନଳିନୀ ନାଏକ, ଉପାସୀ ସ୍ୱାଇଁ, ଗୌରୀ ବେହେରା, ଲକ୍ଷ୍ମୀ ସାହୁ, ପଦ୍ମିନୀ ପ୍ରଧାନ, ବେଦମତୀ ନାଏକ, ଶ୍ରୀକର ରାଉଳ, ଶ୍ରୀରାମ ସାହୁ, ପ୍ରଦୀପ ସାହୁ, ସରସ୍ୱତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି

**ବଡ଼ଗାଁ, ୧୯।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତର କୁରେଇବଗା ଗ୍ରାମରେ ଆସନ୍ତା ୬ ତାରିଖ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବିରେ ଅଖିଳ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହେବ। ଗୁରୁବାର ଭୂୟାଁ ସମାଜର ପ୍ରତିନିଧି ମଣ୍ଡଳ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ବିନୟ କୁଲୁ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ସହିତ ଆଲୋଚନା କରିଛନ୍ତି । ପ୍ରତିନିଧି ମଣ୍ଡଳର ସଦସ୍ୟ ଭୂୟାଁ ସମାଜର ସାଧାରଣ ସମ୍ପାଦକ ଧ୍ରୁବ କାଲୋ, ମାଦ୍ରି କାଲୋ ଯୁବ ପରିଷଦର କର୍ମକର୍ତ୍ତା କୈଳାଶ ଚନ୍ଦ୍ର ନାଏକ, ସରୋଜ କାଲୋ, ରାମଚନ୍ଦ୍ର ଅମାତ ସାଧାରଣସଭା ହେବା ନେଇ ସୂଚନା ଦେଇଛନ୍ତି। ଭୂୟାଁ ସମାଜ ପକ୍ଷରୁ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପାଇଁ ଦାବି ହୋଇଆସୁଛି ।

# ୨ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ



ଦୁଇ ମହିଳାଙ୍କୁ ଉଦ୍ଧାର କରି ପୋଲିସ ନେଉଛି ।

**ସମ୍ବଲପୁର, ୧୯।୩ (ବ୍ୟୁରୋ)**

ସମ୍ବଲପୁର ମହାନଦୀର ଦ୍ୱିତୀୟ ସେତୁରେ ଚଢି ଶୁକ୍ରବାର ସନ୍ଧ୍ୟାରେ ୨ ଜଣ ପ୍ରତାରିତା ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବରଦାତାଙ୍କ ସହଯୋଗରେ ସେମାନଙ୍କ ଜୀବନ ବଞ୍ଚାଯାଇଥିବା ବେଳେ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଛି। ମହିଳା ଦ୍ୱୟଙ୍କୁ ଏବେ ସକ୍ଷୀ ଗୃହରେ ରଖାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ବିବାହିତା ୩୫ ବର୍ଷିୟା ମହିଳାଙ୍କ ଅଭିଯୋଗ କ୍ରମେ କ୍ଷେତରାଜପୁର ଥାନା ପୋଲିସ ଗତ ୧୪ ତାରିଖରେ ମାମଲା (ନଂ.୩୭/୨୧) ରୁଜୁକରି ସ୍ୱାମୀ ବିହାରର ମୂଳବାସିନ୍ଦା ପରବିନ୍ କୁମାରଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ପରବିନ୍ ଜେଲ ଯିବା ପରେ ଏବେ ତାଙ୍କ ପରିବାର ବର୍ଗ ତାଙ୍କୁ ମାରପିଟ କରିବା ସହ ହତ୍ୟା ଧମକ ଦେଉଛନ୍ତି। ତାଙ୍କର ୫ବର୍ଷର ଝିଅ ଥିବାବେଳେ ଏବେ ସେ ଗର୍ଭବତୀ ଅଛନ୍ତି। ତେଣୁ ଡିଏନ୍ଏ ପରୀକ୍ଷା କରାଯାଉ ବୋଲି ସେ ପୋଲିସ ନିକଟରେ ଦାବି କରିଛନ୍ତି। ସେହିପରି ଶାସନ ଥାନା ଅଞ୍ଚଳର ୨୦ ବର୍ଷିୟା ମହିଳା ଅଭିଯୋଗ କରିଛନ୍ତି ଯେ, ତାଙ୍କର ଅନ୍ୟ ଧର୍ମର ଜଣେ ଯୁବକଙ୍କ ସହ ବନ୍ଧୁତା ହୋଇଥିଲା। ଏହାର ସୁଯୋଗ ନେଇ ଯୁବକ ଜଣକ ନିଶା ବଟିକା ଦେଇ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏ ନେଇ ସେ ପୋଲିସରେ ଅଭିଯୋଗ କରିଥିଲେ। ପରେ ଯୁବକ ଜଣକ ବିବାହ କରିବାକୁ ରାଜି ହୋଇ ଘରକୁ ଆଣିଥିଲେ। କିନ୍ତୁ ତାଙ୍କ ପରିବାର ବର୍ଗ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛନ୍ତି। ଏପରି କି ବାପଘରୁ ଟଙ୍କା ଓ ସମ୍ପତ୍ତି ଆଣିବା ପାଇଁ ଦାବି କରୁଛନ୍ତି। ଧର୍ମ ପରିବର୍ତ୍ତନ କରିବାକୁ ମଧ ବାଧ୍ୟ କରିଥିଲେ। ହେଲେ ମୁଁ ଉଭୟ ଧର୍ମ ପାଳନ କରିବି ବୋଲି କହିଥିଲି। ଏଥିରେ ଯୁବକଙ୍କ ପରିବାର ରାଜି ହୋଇ ନ ଥିଲେ। ଟାଉନ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ବେଳେ ସେଠାରେ ମଧ ମାରପିଟ କରାଯାଇଥିଲା। ଏବେ ପରିବାର ବର୍ଗ ମତେ ଗ୍ରହଣ କରିବାକୁ ମନା କରୁଛନ୍ତି। ଏହିପରି ଭାବେ ଶ୍ୱଶୁର ଘର ଲୋକଙ୍କ ଅତ୍ୟାଚାର ସହ୍ୟ କରି ନ ପାରି ସେ ଆତ୍ମହତ୍ୟା ପନ୍ଥା ଆପଣାଇଥିବା କହିଛନ୍ତି।

# ବାରକୋଟ ପଞ୍ଚାୟତ ସମିତି ବୈଠକ

**ବାରକୋଟ, ୧୯।୩ (ଡି.ଏନ.ଏ)**

ଦେବଗଡ଼ ଜିଲା ବାରକୋଟ ପଞ୍ଚାୟତ ସମିତିର ୧୦ମ ସାଧାରଣ ବୈଠକ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁବାସିନୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟ ପନ୍ଥା ଅନୁଯାୟୀ ଆଲୋଚନା ହୋଇଥିଲା । ବସାଲଇ ସରପଞ୍ଚ ଦିଲୀପ ପଟ୍ଟନାୟକ ଗତ ୨୯ ସେପ୍ଟେମ୍ବର, ୨୦୨୦ ବୈଠକରେ ଉକ୍ତ ପଞ୍ଚାୟତର ସୁନାପଶି ଗ୍ରାମର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ଜଣାଇଥିଲେ ସୁଦ୍ଧା ୬ମାସ ପରେ ମଧ ବିଭାଗୀୟ ଅଧିକାରୀ ପଦକ୍ଷେପ ନେଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏରେ ବ୍ୟକ୍ତିଗତ ପ୍ରକଳ୍ପ ଗୁରୁତ୍ୱ ଦେବା ସହିତ ରାସ୍ତା କାର୍ଯ୍ୟ ଆରମ୍ଭ କଲେ ଗ୍ରାମାଞ୍ଚଳର ଗମନାଗମନର ସୁବିଧା ହେବ ବୋଲି ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଦାବି କରିଥିଲେ । କଣ୍ଢଳ ସମିତି ସଭ୍ୟ ବିଶ୍ୱନାଥ ସାହୁ କଣ୍ଢଳ ଗ୍ରାମର କଲେଜ ଛକଠାରେ ଥିବା ମାର୍କେଟ କମ୍ପ୍ଲେକ୍ସରୁ ଭଡା ଆଦାୟ ୧୦ ଦିନ ମଧ୍ୟରେ ନ ହେଲେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ। ଉକ୍ତ ବୈଠକରେ ବାରକୋଟ ବିଡିଓ ଟୁନୁ ମେହେର, ବ୍ଲକ ଉପାଧ୍ୟକ୍ଷ ହରମୋହନ ପାଣି, ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ଜିଲା ପରିଷଦ ଗୁରୁବାରୀ ପାତ୍ର, ଦାଶରଥି କିଷାନ, ଏମ୍‌ପି ପ୍ରତିନିଧି ଅରୁଣ ସାହୁ, ଏମ୍‌ଏଲ୍‌ଏ ପ୍ରତିନିଧି ଭାରତ ଭୂଷଣ ପ୍ରଧାନ ମଞ୍ଚାସୀନ ଥିଲେ । ୨୪ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରୋଗ୍ରେସିଭ କ୍ରିକେଟ, ଲିଓ କ୍ରିକେଟ କ୍ଲବ ବିଜୟୀ

**ଝାରସୁଗୁଡ଼ା ଅଫିସ,୧୯।୩**

ଝାରସୁଗୁଡ଼ା ଜିଲା କ୍ରିକେଟ ଆସୋସିଏଶନ ତରଫରୁ ସିନିୟର ବାଳକମାନଙ୍କ ଆନ୍ତଃ କ୍ଲବ କ୍ରିକେଟ ମ୍ୟାଚର ଶୁକ୍ରବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିଟିଏମ୍ ପଡିଆରେ ଲିଓ କ୍ରିକେଟ କ୍ଲବ ବେଲପାହାଡ ଓ ବିଓସିଏମ୍ ବନ୍ଧବାହାଲ କ୍ରିକେଟ ଆସୋସିଏଶନ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ବନ୍ଧବାହାଲ ଦଳ ୪୦.୨ ଓଭରରେ ୨୦୦ ରନ କରିଥିବାବେଳେ ଲିଓ କ୍ରିକେଟ କ୍ଲବ ୨୨.୩ ଓଭରରେ ୨୦୨ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସାଗର କୁମାର ରାଉତ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ବ୍ରଜରାଜନଗର ଓରିଏଣ୍ଟ କୋଲିଆରି ପଡିଆଠାରେ ଫ୍ରଣ୍ଟଫୁଡ କ୍ରିକେଟ ଏକାଡେମୀ ଓ ପ୍ରୋଗ୍ରେସିଭ କ୍ରିକେଟ ଆସୋସିଏଶନ ମଧ୍ୟରେ ୨ୟ ମ୍ୟାଚ ହୋଇଥିଲା। ପ୍ରୋଗ୍ରେସିଭ କ୍ରିକେଟ ଟିମ୍ ୫୦ ଓଭରରେ ୫ଉଇକେଟ ହରାଇ ୪୩୩ ରନ କରିଥିଲା। ଫ୍ରଣ୍ଟଫୁଡ କ୍ରିକେଟ ଟିମ୍ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ କରି ହାରିଯାଇଥିଲା।


ଅତିଥିଙ୍କ ସହ ଖେଳାଳିମାନେ।

# ଟେଣ୍ଡର ହୋଇଛି, କାମ ହେଉନାହିଁ

**ଝାରସୁଗୁଡ଼ା ଅଫିସ୍,୧୯।୩**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୁନାରୀ ପଞ୍ଚାୟତ ଅନ୍ତର୍ଗତ ବିଶିପାଲି ଗ୍ରାମର ବହୁପୁରାତନ ବିର୍ତିଆ କଟା (ଜଳାଶୟ) ଧୀରେ ଧୀରେ ପୋତିହୋଇଯିବା ଫଳରେ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ଏହି କଟା ଉପରେ ଗ୍ରାମବାସୀ ନିର୍ଭର କରୁଥିବାବେଳେ ଗ୍ରୀଷ୍ମଋତୁରେ ପାଣି ଶୁଖିଯାଉଛି। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ତରଫରୁ ଏହାର ପୁନରୁଦ୍ଧାର ପାଇଁ ବ୍ଲକ୍ ଓ ଜିଲା ପ୍ରଶାସନ ନିକଟରେ ଦାବି ହୋଇଥିଲା। ଏହି ଆଧାରରେ ୨୦୧୮–୧୯ରେ ଜଳାଶୟର ପୁନରୁଦ୍ଧାର ପାଇଁ ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରୁ ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ


ଜଳାଶୟରେ ପାଣି ଶୁଖିବାକୁ ବସିଲାଣି ।

ଟେଣ୍ଡର କରାଯାଇଥିଲା। ଏହି କାମ କରିବା ପାଇଁ କୁଚିଣ୍ଡାର ଜଣେ ଠିକାଦାର ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିଲେ। କାମ ଆରମ୍ଭ ହେବା ପୂର୍ବରୁ ଜଳାଶୟ ବନ୍ଧରେ ସୂଚନା ଫଳକ ନିର୍ମାଣ କରାଯାଇଥିଲା। ଏଭଳି ସ୍ଥିତିରେ କାମ ପାଇଥିବା ଠିକାଦାରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଫଳରେ

**ବିଶିପାଲି ଜଳାଶୟ ପୁନରୁଦ୍ଧାର**

ପୁନରୁଦ୍ଧାର କାମ ହୋଇ ନ ପାରି ୨ବର୍ଷ ହେଲା ପଡିରହିଛି । ଏ ନେଇ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଲଖନପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ହରିବନ୍ଧୁ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏ ନେଇ ପୁନର୍ବାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି । ଖୁବ୍‌ଶୀଘ୍ର ଏହାର ଟେଣ୍ଡର କରାଯାଇ ବର୍ଷାଋତୁ ପୂର୍ବରୁ ଜଳାଶୟ ପୁନରୁଦ୍ଧାର କାମ ସମ୍ପୂର୍ଣ୍ଣ କରାଯିବ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୦ ମାର୍ଚ୍ଚ, ୨୦୨୧



## ରେଳଷ୍ଟେଶନ ପାଖରୁ ଯୁବକଙ୍କ ମୃତଦେହ ଜବତ

**ନୂଆପଡା ଅଫିସ:** ନୂଆପଡା ସଦର ରେଳଷ୍ଟେଶନ ନିକଟରୁ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ସ୍ଥାନୀୟ ପଲସାଗୁଡା ଗାଁର ସେନ କୁମାର ସାହୁଙ୍କ ପୁତ୍ର ତ୍ରିନାଥ ସାହୁ (୨୨)ଙ୍କ ବୋଲି ଜଣାପଡିଛି। ଗୁରୁବାର ତାଙ୍କ ଗାଁର ଏକ ବିବାହ ଉତ୍ସବରେ ଯୋଗଦେବାକୁ ସାଙ୍ଗମାନଙ୍କ ସହିତ ତ୍ରିନାଥ ଯାଇଥିଲେ। ହେଲେ ସେଠାରୁ ସେ ଆଉ ଘରକୁ ଫେରି ନ ଥିଲେ। ଖୋଜାଖୋଜି କରିବା ପରେ ରେଳ ଷ୍ଟେଶନ ପାଖରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। କଣ୍ଟାବାଞ୍ଜି ଜିଆରପି ପୋଲିସ ପହଞ୍ଚି ଶବ ଜବତ କରି ବ୍ୟାବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହା ହତ୍ୟା କି ଆତ୍ମହତ୍ୟା ତାହା ଜଣା ପଡିନାହିଁ।

### ସଂକ୍ଷେପରେ

## କୂଅରୁ ବୃଦ୍ଧାଙ୍କୁ ଉଦ୍ଧାର କଲେ ଅଗ୍ନିଶମ ବାହିନୀ



**ନୂଆପଡା ଅଫିସ,୧୯।୩:** ନୂଆପଡା ଜିଲା କୋମନା ଥାନା ମିଛାପାଲି ଗାଁର ଏକ କୂଅରୁ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। ଶୁକ୍ରବାର ସକାଳେ ମିଛାପାଲି ଗାଁର କାଳିମତି ମାଝି (୪୦) କୂଅ ରାସ୍ତା ଦେଇ ଯାଉଥିବା ବେଳେ କୂଅ ପାଖରେ ଲାଗିଥିବା କାଠଗଣ୍ଡି ଭାଙ୍ଗି ଯାଇଥିଲା। ଫଳରେ ସେ ପ୍ରାୟ ୩୦ ଫୁଟ ଗଭୀର କୂଅ ଭିତରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ କୂଅକୁ ପାଣି ଆଣିବା ପାଇଁ ଯିବା ବେଳେ ଦେଖି କୋମନା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଜୀବନ୍ତ ଭାବେ ଉଦ୍ଧାର କରିଥିଲେ। ପରେ ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ଗ୍ରାମ୍ୟ ଜଙ୍ଗଲରୁ ମୋରମ ଚୋରି

**ବଘିଆପଡା,୧୯।୩(ଡି.ଏନ.ଏ):** ବୌଦ୍ଧ-ବଘିଆପଡା ରାସ୍ତାର ଗଡଡଦେଇ ଗ୍ରାମ୍ୟ ଜଙ୍ଗଲରୁ ବର୍ତ୍ତମାନ ଚୋରା ମୋରମ ଚୋରା ଚାଲାଣ କରାଯାଉଛି। ଫଳରେ ଏହି ଗ୍ରାମ୍ୟ ଜଙ୍ଗଲର ମୂଲ୍ୟବାନ ବୃକ୍ଷ ଧ୍ୱଂସ ହେବାରେ ଲାଗିଛି। ଗ୍ରାମ୍ୟ ଜଙ୍ଗଲ ଅଞ୍ଚଳରେ ରହିଥିବା ଛୋଟ ଛୋଟ ମୋରମ ଖାଦାନ ଖାଲି ହୋଇସାରିଥିବା ବେଳେ ମାଫିଆମାନେ ଏବେ ସମତଳ ଅଞ୍ଚଳରୁ ମୋରମ ଖୋଳି ନେଉଛନ୍ତି। ପ୍ରତିଦିନ ଏଠାରୁ ଟ୍ରିପ୍ ଟ୍ରିପ୍ ମୋରମ ଚୋରି ହୋଇ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ୨୪ ପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

**କେସିଙ୍ଗା, ୧୯।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରଲସିଙ୍ଗା ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ନିମନ୍ତେ ପ୍ରହରି ମଣ୍ଡପ ନିକଟରେ ଗୁରୁବାର ଶୁଭଖମ୍ବ ସ୍ଥାପନ କରାଯାଇଛି। ଆସନ୍ତା ୨୫ ତାରିଖରେ କଳସ ଯାତ୍ରା ଓ ଅଧିବାସ, ୨୬ ତାରିଖ ସକାଳ ୭ଟାରେ ନାମଯଜ୍ଞ ଆରମ୍ଭ ହୋଇ ୨୯ରେ ନାମଯଜ୍ଞ ପୂର୍ଣ୍ଣାହୁତି ହେବା ସହିତ ନଗର କିର୍ତ୍ତନ କାର୍ଯ୍ୟକ୍ରମ ରହିଛି। ଶୁଭଖମ୍ବ ସ୍ଥାପନରେ କର୍ତ୍ତା ଭାବେ କୋଦଣ୍ଡ ନାଏକ ଏବଂ କୁମାରୀ ନାଏକ କାର୍ଯ୍ୟଭାର ତୁଲାଇଥିଲେ। ଜୟ ଜଗନ୍ନାଥ ନାମଯଜ୍ଞ କମିଟି ପରଲସିଙ୍ଗାର ସଭାପତି କିଶୋର ବାଗ, ସମ୍ପାଦକ ଲମ୍ବୋଦର ମାଝି, କୋଷାଧ୍ୟକ୍ଷ ନିଳାମ୍ବର ନାଏକ, ଉପଦେଷ୍ଟା କମିଟି ସଦସ୍ୟ ଦୁର୍ଯ୍ୟୋଧନ ନାଏକ, ଜଗବନ୍ଧୁ ନାଏକ, ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହଲାଙ୍କ ସମେତ ଗ୍ରାମର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଶୁଭଖମ୍ବ ସ୍ଥାପନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କର୍ମେ ପଞ୍ଚାୟତରେ ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ

**ପଲମ, ୧୯।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ କର୍ମେ ପଞ୍ଚାୟତସ୍ଥିତ କର୍ମେ ଗ୍ରାମଠାରେ ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ସରପଞ୍ଚ ସବିତା ମହାନନ୍ଦ ପନିପରିବା କିଣି ଏହାର ଉଦ୍‌ଘାଟନ କରିଥିଲେ। ଏହି ପଞ୍ଚାୟତ ଆଖପାଖରେ କୌଣସି ହାଟ ବଜାର ନ ଥିବାରୁ କର୍ମେ, ସୁରପଦର, ଗୁଡିପଟା, ମୁରସିଂ, ନୂଆପଡାର ଗ୍ରାମବାସୀ ୨୦/୨୫ କି.ମି. ଦୂର ବଜାରକୁ ଯାଇ କିଣାବିକା କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀ କର୍ମେ ପଞ୍ଚାୟତ ପରିସରରେ ନୂତନ ହାଟ ଖୋଲିଛନ୍ତି। ଏହି ସପ୍ତାହିକ ବଜାର ରବିବାର ଦିନ ହେବା ପାଇଁ ସ୍ଥିର କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଆନନ୍ଦ ମହାନନ୍ଦ, ହେମନ୍ତ କୁମାର ଭୋଇ, ଉଦ୍ଧବ ଗଡତିଆ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ସମସ୍ତ ଗ୍ରାମପଞ୍ଚାୟତ ୱାର୍ଡମେମ୍ବର, ନାଏବ ସରପଞ୍ଚ ଓ ଗ୍ରାମପଞ୍ଚାୟତ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଇନ୍ଦ୍ରାବତୀ ବାମ କେନାଲରେ ଘାଇ

**ଭବାନୀପାଟଣା/କୋକସରା, ୧୯।୩ (ସ୍ୱ.ପ୍ର./ଡି.ଏନ.ଏ.)**

- ୪୦ ହେକ୍ଟର ଚାଷ ଜମିରେ ମାଡ଼ିଲା ପାଣି
- ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ଗୁନଗୁନିଆ ଡିଷ୍ଟ୍ରିବ୍ୟୁଟାରି ନିକଟରେ ଶୁକ୍ରବାର ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ଗୁନଗୁନିଆ, ବାଣ୍ଡିଗାଁ, ରେଙ୍ଗାଲପାଲି ଗ୍ରାମର ପ୍ରାୟ ୪୦ ହେକ୍ଟର ଚାଷ ଜମିରେ ପାଣି ମାଡ଼ି ଯାଇଛି। ଏବେ ଚାଷୀମାନେ ରବି ଧାନ ଚାଷ ରୁଆ ସାରିଥିବା ବେଳେ ଧାନ ଗଛ ବଢିବା ସମୟରେ କେନାଲ ପାଣି ମାଡିବାରୁ ବ୍ୟାପକ ଧାନ ଚାଷ କ୍ଷତି ହେବା ଆଶଙ୍କା ଦେଖାଦେଇଛି ।
ଗୁନଗୁନିଆ ଡିଷ୍ଟ୍ରିବ୍ୟୁଟାରି କେନାଲର ଲମ୍ବ ୧୨ ହଜାର ୬ ଶହ ମିଟର। ମରାମତି ଅଭାବରୁ ଅନେକ ସ୍ଥାନରେ କେନାଲ ହୁଡା ଶୋଚନୀୟ ହୋଇପଡିଛି। ଫଳରେ ପ୍ରତିବର୍ଷ କେନାଲ ହୁଡା ଭାଙ୍ଗି ଘାଇ ସୃଷ୍ଟି ହୋଇ ଚାଷୀଙ୍କ ଚାଷ ନଷ୍ଟ ହେଉଛି। କେନାଲ ମରାମତି ପାଇଁ ବାର୍ଷିକ କୋଟି କୋଟି ଟଙ୍କା ବିଭାଗୀୟ ଅନୁଦାନରୁ ଖର୍ଚ୍ଚ ହେଉଛି। ହେଲେ ଠିକାଦାର ପୋଷା ନୀତିରେ ନିମ୍ନମାନର କାମ ଯୋଗୁ ତାହା ବର୍ଷେ ନ ପୁରୁଣୁ କେନାଲର ଅନେକ ସ୍ଥାନରେ ଘାଇ ସୃଷ୍ଟି ହୋଇ ଭୁଶୁଡି ଯାଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ଏହିଭଳି ଭାବେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। କେନାଲ ଭୁଶୁଡିବା ପରେ କୁସୁମଖୁଣ୍ଟି ଡିଭିଜନର କନିଷ୍ଠ ଯନ୍ତ୍ରୀ କଳାକାର ନାଏକ ଓ ଗୁନଗୁନିଆ ରାଜସ୍ୱ ନିରୀକ୍ଷକ ଆଶିଷ ନାଏକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଏ ନେଇ ମୁଖିଗୁଡା ନିର୍ବାହୀ ଯନ୍ତ୍ରୀ ପଦ୍ମନାଭ ପଣ୍ଡାଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ କେନାଲ ଘାଇ ମରାମତି କରାଯାଇ ସ୍ୱାଭାବିକ ଭାବେ ଜଳସେଚନ କରାଯିବ ବୋଲି କହିଛନ୍ତି।



କେନାଲରେ ଘାଇ ସୃଷ୍ଟି ହେବା ଯୋଗୁ ଚାଷ ଜମିରେ ପାଣି ମାଡ଼ିଛି।

## କେଭିପିୱାଇ ପରୀକ୍ଷାରେ ବିକାଶ ଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୧୯।୩**

ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସିଏଚ୍ଏସ୍ଇ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ସନାତନ ସତନାମୀ ଚଳିତବର୍ଷ ଅନୁଷ୍ଠିତ ସର୍ବଭାରତୀୟ କେଭିପିୱାଇ ପରୀକ୍ଷାରେ ନିଜ ପ୍ରଥମ ପ୍ରୟାସରେ ୧୨୦ ର୍ୟାଙ୍କ୍ (ଏସ୍‌ସି ବର୍ଗ) ରଖିଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବିକାଶର ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଆଡ଼ମିଶନ ନେଇ ସେ ଏହି ସଫଳତା ପାଇଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଳିକ୍ରିଷ୍ଣା ପ୍ରକାଶ କରିଛନ୍ତି। ସନାତନଙ୍କ ଏହି ସଫଳତାରେ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ଏଣ୍ଡ୍ରାନ୍ସ ଏକାଡ଼େମୀର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଏକାଡ଼େମିକ୍ସ ଡାଇରେକ୍ଟର ଜି. ରାମକ୍ରିଷ୍ଣା, ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ପ୍ରମୁଖ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କୃତୀ ଛାତ୍ର ସନାତନ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କପାଶିରା ଗ୍ରାମର ନିମ୍ନ ମଧ୍ୟବିତ୍ତ ପରିବାରର। ସେ ଏହା ପୂର୍ବରୁ ଚଳିତବର୍ଷ ଜେଇଇ ମେନ ପରୀକ୍ଷାରେ ୯୮.୦୬ ପ୍ରତିଶତ ମାର୍କ ପାଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ନିଟ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଭଲ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହେବାକୁ ସେ ଆଶାବାଦୀ ଅଛନ୍ତି।



ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ କୃତୀ ଛାତ୍ରଙ୍କୁ କୃତଜ୍ଞତା ଜଣାଉଛନ୍ତି ।

## ବିନା ନୋଟିସରେ ବିଦ୍ୟୁତ କାଟ୍

**ବରଗଡ଼ ଅଫିସ୍,୧୮।୩**

ବରଗଡ଼ ଜିଲାରେ ମାର୍ଚ୍ଚ ମାସ ଆଳ ଦେଖାଇ ଉପଭୋକ୍ତାଙ୍କଠାରୁ ଜୋର୍‌ଜବରଦସ୍ତ ବିଦ୍ୟୁତ୍ ଦେୟ ଅସୁଲ କରାଯିବା ଏବଂ ତାହା ପଇଠ କରି ନ ପାରିଲେ ବିଦ୍ୟୁତ୍ କାଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲାର ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆଗୁଆ ନୋଟିସ ଦିଆ ନ ଯାଇ ବିଦ୍ୟୁତ କାଟ୍ କରାଯାଉଥିବାରୁ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି । ଏହି କ୍ରମରେ ଗୁରୁବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କରୋନା ସଂକ୍ରମଣ ଯୋଗୁ ହୋଇଥିବା ଲକ ଡାଉନ, ଶଟ୍ ଡାଉନରେ ଲୋକଙ୍କ ଆର୍ଥିକ ପରିସ୍ଥିତି ଭୁଷୁଡ଼ି ପଡ଼ିଛି। ଲୋକଙ୍କ ଉପରେ ବିଦ୍ୟୁତ୍ ବିଭାଗର ଏଭଳି ଜୁଲମକୁ ବରଦାସ୍ତ କରାଯିବ ନାହିଁ ବୋଲି ଆପ୍ ଚେତାବନୀ ଦେଇଛି। ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଅସିତ ସାହୁ, ସତ୍ୟପ୍ରକାଶ ମହାପାତ୍ର, ମେରିୟମ ବାର୍ଲା, ପୌଲସ୍ତ୍ୟ ସାହା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଏଭଳି ସମସ୍ୟା ନେଇ ରାବଣଗୁଡ଼ାର ଗ୍ରାମର ଚାଷୀମାନେ ମଧ୍ୟ ଜିଲାପାଳଙ୍କୁ ଫେରାଦ ହୋଇଥିଲେ।

## ବୟସ ୮୧ ପରେ ବି ଜୟଧରଙ୍କୁ ମିଳୁନି ଭତ୍ତା

**ନୂଆପଡା ଅଫିସ,୧୯।୩**

କେନ୍ଦ୍ର ତଥା ରାଜ୍ୟ ସରକାର ଗରିବ ଅସହାୟ ଲୋକଙ୍କ ପାଇଁ ଯୋଜନା ପ୍ରଣୟନ କରୁଥିବା ବେଳେ ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁ ତାହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ନୂଆପଡା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ମୁରଲିବାହାଲି ଗାଁରୁ ଏଭଳି ଅଭିଯୋଗ ଆସିଛି। ଗାଁର ଜୟଧର ସୁନାନୀଙ୍କୁ ୮୧ ବର୍ଷ ହୋଇଥିଲେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଜୟଧରଙ୍କ ବଡ ପୁଅ ଓ ବୋହୂକୁ ଭତ୍ତା ମିଳୁ ଥିବା ବେଳେ ତାଙ୍କ ବାପାଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ବଡ ଓ ସାନ ପୁଅ ବୃଦ୍ଧ ବାପାଙ୍କୁ ଧରି ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ନୟାନ୍ତ ହୋଇଗଲେଣି, ହେଲେ ଭତ୍ତା ହେଇପାରୁ ନାହିଁ। ଭତ୍ତା ପାଇଁ କୋମନା ବିଡିଓଙ୍କ ପାଖକୁ ଯାଇ ଆବେଦନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମିଳିନାହିଁ ବୋଲି ଜୟଧର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ଭତରାଙ୍କୁ ପଚାରିବାରୁ ଭତ୍ତା ମଞ୍ଜୁର ହୋଇଯାଇଛି, ମିଳିବା ବାକି ଅଛି ବୋଲି କହିଥିଲେ।



## ବନ୍ଦ କୋଠରିରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**କୋକସରା, ୧୯।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ବଡକେନ୍ଦୁଗୁଡା ଗ୍ରାମରେ ଶୁକ୍ରବାର ଏକ ବନ୍ଦ କୋଠରିରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଆମପାଣି ପୋଲିସ ଉଦ୍ଧାର କରିଛି। ମୃତା ମହିଳା ହେଲେ ବଡକେନ୍ଦୁଗୁଡା ଗ୍ରାମର ଟଙ୍କଧର ପୂଝାରୀଙ୍କ ସ୍ତ୍ରୀ ଚନ୍ଦ୍ରିକା ପୂଝାରୀ (୩୦)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ଚନ୍ଦ୍ରିକାଙ୍କ ପରିବାରବର୍ଗ ସନ୍ଦେହ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ପୋଲିସ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ଚନ୍ଦ୍ରିକା ଶୁକ୍ରବାର ସକାଳେ ଶୋଇବା କୋଠରିରେ ବେକରେ ଶାଢୀ ଲଗାଇ ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ଦେଖିବାକୁ ପାଇ ଉଦ୍ଧାର କରିଥିଲେ। ସେତେବେଳକୁ ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟିଥିଲା। ପରିବାରବର୍ଗ ଆମପାଣି ପୋଲିସ ଓ ଝିଅ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା ବୋଲି ପୋଲିସ ଅନୁମାନ କରୁଛି। ଆମପାଣି ପୋଲିସ ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟ ନେଇ ତଦନ୍ତ କରିଥିବା ବେଳେ ଶବ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ.୨୪/୨୧) ରୁଜୁ ହୋଇଛି।

## ୨୨ରେ ଭିନ୍ନକ୍ଷମ ଚିହ୍ନଟ ଶିବିର

**ବୌଦ୍ଧ,୧୯।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ମାସର ୨୦ ତାରିଖରେ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ଏଥିପାଇଁ ଜିଲାର ଦୂରଦୂରାନ୍ତରୁ ଭିନ୍ନକ୍ଷମମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥାନ୍ତି। କିନ୍ତୁ ଚଳିତ ମାସ ୨୦ ଓ ୨୧ ତାରିଖ ଶନିବାର ଓ ରବିବାର ଛୁଟି ଦିବସ ପଡୁଛି। ଫଳରେ ୨୦ ବଦଳରେ ୨୨ ତାରିଖ ସୋମବାର ଏହି ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭିନ୍ନକ୍ଷମ ସାମର୍ଥ ଶିବିର ।

**ଜୁନାଗଡ଼, ୧୯।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଭସିନ୍ଧୁ ମଙ୍ଗରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜୁନାଗଡ଼ ବିଡ଼ିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ମହିଚଲା ସରପଞ୍ଚ ଅଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୩୦୯ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୯୦ଜଣଙ୍କୁ ଭିନ୍ନକ୍ଷମ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ୨୩୮ଜଣ ଭତ୍ତା ପାଇଁ ଆବେଦନ କରିଥିଲେ। ୬ଜଣଙ୍କୁ ହ୍ୱିଲଚେୟାର, ୮୬ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବାଣୀଶ୍ରୀ ଛାତ୍ରବୃତ୍ତି, ୨୩ଜଣଙ୍କୁ ବସ ଓ ଟ୍ରେନ ପାସ ଓ ୧୫ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଜୁନାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ କର୍ଯ୍ୟକ୍ରମ ପରିଚଳନା କରିଥିଲେ ।

## ସିରଗିଡ଼ି ଜଙ୍ଗଲରେ ନିଆଁ

**ନୂଆପଡା ଅଫିସ,୧୯।୩**

- ନିଆଁ ଲିଭାରେ ଗ୍ରାମବାସୀ ସାମିଲ
- ବିଭାଗ କର୍ମଚାରୀଙ୍କ ଦେଖାନାହିଁ

ନୂଆପଡା ସଦର ବ୍ଲକ ସୀମାନ୍ତ ଅଞ୍ଚଳ ସିରିଗିଡି ଜଙ୍ଗଲରେ ନିଆଁ ଲାଗିଛି। ଫଳରେ ଜଙ୍ଗଲ ପୋଡ଼ି ଧ୍ୱଂସ ହେବାକୁ ବସିଲାଣି। ନିଆଁର ପ୍ରକୋପ ଏତେ ଯୋରରେ ବଢିଚାଲିଛି, ଆୟତ୍ତ କରିବା କଷ୍ଟକର ହେଉଛି। ଜଙ୍ଗଲ ତଳି ଗାଁକୁ ନିଆଁ ମାଡ଼ି ଆସିବା ଆଶଙ୍କା କରି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ନିଆଁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗ କିମ୍ବା ବନ ବିଭାଗ କର୍ମଚାରୀ ଯାଇନାହାନ୍ତି। ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁ ଲିଭା କାର୍ଯ୍ୟ ଚାଲିଛି। ଜଙ୍ଗଲରେ ଔଷଧୀୟ ଗୁଳ୍ମ ଜାତୀୟ ଗଛ ପୋଡି ନଷ୍ଟ ହେଉଥିବା ବେଳେ ଜଙ୍ଗଲି ଜୀବଜନ୍ତୁ ନିଆଁରେ ପୋଡି ଜୀବନ ହରାଉଛନ୍ତି। ଏ ସଂକ୍ରାନ୍ତରେ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।

## ପ୍ରଶଂସନୀୟ କାର୍ଯ୍ୟ ପାଇଁ ଥାନାଧିକାରୀଙ୍କୁ ମାନପତ୍ର



ଏସପି ଥାନାଧିକାରୀଙ୍କୁ ମାନପତ୍ର ଦେଉଛନ୍ତି।

**ଜୁନାଗଡ, ୧୯।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ନିଜ କାର୍ଯ୍ୟକୁ ଠିକ ଭାବେ ସମ୍ପାଦନା କରିଥିବାରୁ ଏସ୍‌ପି ଶ୍ରବଣ ବିବେକ ଏମ୍‌ଙ୍କଠାରୁ ସମ୍ମାନସ୍ୱଦ ମାନପତ୍ର ଗହଣ କରିଛନ୍ତି। ଏହା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରକାଶ ଯେ, ଜୁନାଗଡ ଥାନାରେ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ୨୯।୧୨।୨୦୧୯ ଯୋଗଦାନ କରି ଥିଲେ। ଲକ୍‌ଡାଉନ ସମୟରେ ଆଇଶୃଙ୍ଖଳା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଯାହାକି ଆଇନଶୃଙ୍ଖଳା ନିରାକରଣ ଦିଗରେ ସହାୟକ ହୋଇଥିଲା। ସେହିପରି ଥାନା ଅଞ୍ଚଳରେ ଘଟୁଥିବା କାଁ ଭାଁ କିଛି ମାମଲାକୁ ଛାଡିଦେଲେ ପ୍ରାୟ ସମୟରେ ସେ ନିଜ କାର୍ଯ୍ୟଦକ୍ଷତା ବଳରେ ଅପରାଧ ରୋକିବାରେ ସକ୍ଷମ ହୋଇଛନ୍ତି। ଏପରିସ୍ଥଳେ ଜୁନାଗଡ ଥାନା ଅଞ୍ଚଳର ୯ଟି ନାବାଳିକା ଅପହରଣ ମାମଲାରେ ଶୀଘ୍ର ଅପରାଧୀଙ୍କୁ କୋର୍ଟଚାଲାଣ କରି ସଫଳତା ପାଇଥିବାରୁ ଏସ୍‌ପି ତାଙ୍କୁ ଏହି ପ୍ରଂଶସାପତ୍ର ଦେଇଥିବା ଜଣାପଡିଛି।

## ଡବ୍ଲ୍ୟୁଓଡିସିର ଜିଲା ଶାଖା ଅଫିସ ଉଦ୍‌ଘାଟିତ

**ଭବାନୀପାଟଣା, ୧୯।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ପରିସରରେ ବୁଧବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର କଳାହାଣ୍ଡି ଜିଲା ଶଖା ଅଫିସ୍ ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଦ୍ୱାରା ଜିଲା ଶଖା ଅଫିସ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲାପାଳଙ୍କ ସମେତ ଜିଲା ଯୋଜନା ଓ ସମନ୍ୱୟ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳାଇ, ଅତିରିକ୍ତ ଡାଇରେକ୍ଟର ପ୍ରଭାକୃଷ୍ଣ ଖଟୁଆ, କୁମୁଦିନି ମିଶ୍ର, ଅର୍ଥ ବିଶାରଦ ପ୍ରଭାମୟ ମିଶ୍ର, ଅର୍ଥନୀତିଜ୍ଞ ସୁନନ୍ଦା ଆଚାର୍ଯ୍ୟ, ଦାୟିତ୍ୱରେ ଥିବା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିମ୍ବାଧର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ହେବା ଯୋଗୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ସକାଶେ ଆସୁଥିବା ଅର୍ଥର ସଦ୍‌ବିନିଯୋଗ ହେବା ସହ ଅନେକ ସୁଧାର ଆସିପାରିବ ବୋଲି ମୁଖ୍ୟଅତିଥି ଜିଲାପାଳ ପ୍ରକାଶ କରିଥିଲେ।



ଜିଲାପାଳ ଡବ୍ଲ୍ୟୁଓଡିସିର ଜିଲା ଶଖା ଅଫିସ୍ ଉଦ୍‌ଘାଟନ କରୁଛନ୍ତି।

# ଥମୁନି ଜମି କେଳେଙ୍କାରୀ ଚର୍ଚ୍ଚା

**ବରଗଡ଼ ଅଫିସ୍,୧୯।୩**

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଜମି ହଡ଼ପ ଅଭିଯୋଗ ହେବା ପରେ ପୁନରୁଦ୍ଧାର ଦାବି ମଧ୍ୟ ଜୋର୍ ଧରିଛି। ଅନ୍ୟପଟେ ଏହି ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖି ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଡ଼ଭୋକେଟ୍ ପ୍ରକାଶ ସାହୁ ପକ୍ଷ ରଖିଛନ୍ତି । ସେ କହିଛନ୍ତି, ମା’ ସମଲେଶ୍ୱରୀଙ୍କ ନାମରେ ରହିଥିବା ଜମିର ଖାତା ନମ୍ବର ହେଉଛି ୨୫୨୫ । କିନ୍ତୁ ଖାତା ନଂ.୨୪୧୪/୧୭୧୬ରେ ଥିବା ୩ଟି ପ୍ଲଟ ନଂ. ୪୪୪୫, ୪୪୪୬ ଓ ୪୪୪୯ ମା’ ସମଲେଶ୍ୱରୀଙ୍କର ଜମିର ଅଂଶ ନୁହେଁ। ଏହା ରୟତ ଜମିର ଏକ ଅଂଶ ଏବଂ ଝାଙ୍କର ମାନଙ୍କର ନାମରେ ରେକର୍ଡ଼ ହୋଇଛି ବୋଲି ସେ କହିଥିଲେ। ଅପରପକ୍ଷେ ଉକ୍ତ ୩ ପ୍ଲଟ ଖାତା ନଂ–୨୫୨୫ର ଅଂଶବିଶେଷ ଏବଂ ତାହା ସମଲେଶ୍ୱରୀ ଦେବୀଙ୍କ ଜମି ବୋଲି ପିଟିଶନକାରୀମାନେ ଦର୍ଶାଇଛନ୍ତି। ଆଡ଼ଭୋକେଟ୍ ସାହୁ କହିଛନ୍ତି, ଝାଙ୍କରମାନଙ୍କ ଦୁର୍ବଳତାର ସୁଯୋଗ ନେଇ ଉକ୍ତ ଜମିକୁ ଅନ୍ୟ ଜଣେ ଦଖଲ କରିବାରୁ ନ୍ୟାୟାଳୟରେ ମାମଲା ହୋଇଥିଲା ଏବଂ ଏହାର ବିଚାର ପରେ ଜବରଦଖଲ ଉଚ୍ଛେଦ ହୋଇଛି ଏବଂ ତାହା ବର୍ତ୍ତମାନ ଝାଙ୍କରଙ୍କ ଉତ୍ତରାଧିକାରୀଙ୍କ ଦଖଲରେ ରହିଛି । ଏହି ଜମିକୁ ବିକ୍ରିକରି ୫ ଏକର ଚାଷଜମି କିଣିବାକୁ ଅନୁମତି ଦେବା ପାଇଁ ସ୍ୱର୍ଗତ ହରିଭଜନ ଝାଙ୍କରଙ୍କ ଉତ୍ତରାଧିକାରୀମାନେ ବରଗଡ଼ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି। କିନ୍ତୁ ସେହି ଜମିକୁ ମା’ ସମଲେଶ୍ୱରୀ ଦେବୀଙ୍କ ଜମି ଦର୍ଶାଇ କିଛି ପିଟିଶନ ଦାଖଲ କରାଯାଇଛି। ମାତ୍ର ତାହା ଦେବୀଙ୍କ ଜମିର ଅଂଶ ବିଶେଷ ନୁହେଁ ବୋଲି ଆଡ଼ଭୋକେଟ୍ ସାହୁ ସୂଚନା ଦେଇଥିଲେ। ତହସିଲ ଅଫିସରୁ ମା’ ସମଲେଶ୍ୱରୀଙ୍କ ଜମିଜମା ବାବଦକୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, କାଗଜାତ୍ ଗାଏବ ସମ୍ପର୍କରେ ଖବରଦାତାମାନେ ପଚାରିବାରୁ ଆଡ଼ଭୋକେଟ୍ ସାହୁ କହିଥିଲେ, ୩୫/୪୦ ବର୍ଷ ଧରି ଅନେକ ମୋକଦ୍ଦମା ଚାଲିଛି। ସେହି ମୋକଦ୍ଦମାରେ ମଧ୍ୟ ଦସ୍ତାବିଜ ବ୍ୟବହାର କରାଯାଇ ଥାଇପାରେ ଏବଂ କୌଣସି ସ୍ଥାନରେ ତାହା ମିସ୍‌ପ୍ଲେସଡ୍ ହୋଇ ଥାଇପାରେ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ସ୍ୱର୍ଗତ ହରିଭଜନ ଭୁଏଁଙ୍କ ପୁଅ ନିଗମାନନ୍ଦ, ଜଗଦାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଆଡ଼ଭୋକେଟ୍ ଏବଂ ଝାଙ୍କରଙ୍କ ଉତ୍ତରାଧିକାରୀମାନେ ।

## ଗର୍ଭପାତ ମାମଲାରେ ପ୍ରେମିକ ଗିରଫ

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ମନମୁଣ୍ଡା ଥାନା ତଥା ଶଗଡା ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କ ଗର୍ଭପାତ ମାମଲାରେ ପୋଲିସ ତାଙ୍କ ପ୍ରେମିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜମଟାଙ୍ଗି ଗ୍ରାମର ସନତ ଭୁକ୍ତା । ଆଜକୁ ପ୍ରାୟ ୬ ବର୍ଷ ତଳେ ସନତ ବିବାହ ପ୍ରଲୋଭନ ଦେଖାଇ ଉକ୍ତ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଯୁବତୀ ଜଣକ ଗର୍ଭବତୀ ହୋଇଯିବା ପରେ ଗର୍ଭପାତ କଲେ ବାହା ହେବି କହି ସନତ ଦୁଇଥର ଗର୍ଭ ନଷ୍ଟ କରାଇଥିବା ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଗର୍ଭପାତ ପରେ ଯୁବକ ଜଣକ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିବାରୁ ସେ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୯/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି ।

### ସଂକ୍ଷେପରେ

## ମୃତଦେହ ଜବତ, ହତ୍ୟା ସନ୍ଦେହ

ଅତାବିରା,୧୯।୩(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ଜୁନାନୀ ନିକଟ କୁଲେରଚୁଆଁର ଏକ ଗଛରୁ ଶୁକ୍ରବାର ପୋଲିସ ଜଣଙ୍କ ମୃତଦେହକୁ ଜବତ କରିଛି। ମୃତକ ହେଲେ ଜୁନାନୀ ଗ୍ରାମର ବନମାଳି କୁଅଁର । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଘଟଣାର ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ସନ୍ଦେହ କରାଯାଉଛି। ଏ ନେଇ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚାରିବାରୁ ଏକ ଅପମୃତ୍ୟୁ ମାମଲା (ନଂ.୩/୨୧) ରୁଜୁ କରି ତଦନ୍ତ ଚାଲିଥିବା କହିଥିଲେ । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟ ଉନ୍ମୋଚନ ହେବ ବୋଲି ସେ ପ୍ରକାଶ କରିଥିଲେ । ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ବନମାଳି ନିଖୋଜ ଥିଲେ । ଶୁକ୍ରବାର ଜଣେ ବନ କର୍ମଚାରୀ ବନମାଳିଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ପାଇ ପୋଲିସକୁ ସୂଚନା ଦେଇଥିଲେ। ମୃତକଙ୍କ ସ୍ତ୍ରୀ ସୁମିତ୍ରା, ଝିଅ ମୃତଦେହ ଚିହ୍ନଟ କରିଥିଲେ ।

# ମୃତଦେହ ରଖି ୫ ଘଣ୍ଟା ରାସ୍ତାରୋକୋ

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଉଲୁଣ୍ଡା,୧୯।୩(ଡି.ଏନ.ଏ.)

ଗୁରୁବାର ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଲସ୍ତଲା ଡୁରୀପଡା ଗାଁର ବାବୁଲା ନାଏକଙ୍କ (୩୫) ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ ନେଇ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ତଥା ଗ୍ରାମବାସୀ ଶୁକ୍ରବାର ସୋନପୁର- ସମ୍ବଲପୁର ମୁଖ୍ୟ ରାସ୍ତାର ପୋଢଟିକିରା ଛକରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବରପାଇ ପ୍ରଶାସନିକ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କଲା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା ।

ପ୍ରକାଶ ଯେ, ବିଳମ୍ବିତ ରାତିରେ ବାବୁଲା ଉଲୁଣ୍ଡା ପଟରୁ ଚାଲି ଚାଲି ଘରକୁ ଫେରୁଥିଲେ। ଏହି ସମୟରେ ଉଦେପଦର ଗାଁର ଚରଣ ଭୋଇ ବାଇକ୍‌ରେ ଯାଉଥିବା ବେଳେ ଉଲୁଣ୍ଡା ପୋଲ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲେ। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ସୋନପୁର ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ । ଚରଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଉଲୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ପରିବାର ଲୋକେ କ୍ଷତିପୂରଣ ଦାବିରେ ଅପରାହ୍ନ ୨ଟାରୁ ରାସ୍ତା ଅବରୋଧ କରିଥିଲେ । ଖବରପାଇ ଉଲୁଣ୍ଡା ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଡିଏସପି ମିହିର ପଣ୍ଡା, ଆଇଆଇସି ଚନ୍ଦ୍ର ମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୨୦ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ପ୍ରଥମେ ରେଡକ୍ରସ ଓ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯାଇଛି । ସରକାରୀ ନିୟମ ଅନୁସାରେ ବାକି ସବୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୭ ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଥାଉକି ମୃତ ବାବୁଲାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ବେଳେ ତାଙ୍କର ଗୋଟିଏ ୩ ବର୍ଷର ଝିଅ ଅଛି।



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି, ୧୯।୩ (ଡି.ଏନ.ଏ)

ସୁବର୍ଣ୍ଣପୁର ବନଖଣ୍ଡର ପ୍ରାୟ ସମସ୍ତ ଜଙ୍ଗଲରେ ଏବେ ନିଆଁ ଲାଗିଛି । ବନ ବିଭାଗ ନିଆଁକୁ ଲିଭାଇବାକୁ ପ୍ରୟାସ କରୁଥିଲେ ମଧ୍ୟ ବିଭିନ୍ନ ଅଞ୍ଚଳରେ ଲୋକେ ନିଆଁ ଲଗାଇ ଦେଉଥିବାରୁ ଏହାକୁ ଆୟତ୍ତ କରାଯାଇ ପାରୁନାହିଁ। ଏଣୁ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଲୋକଙ୍କୁ ନିଆଁ ନ ଲଗାଇବା ପାଇଁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୀରମହାରାଜପୁର ରେଞ୍ଜ ପକ୍ଷରୁ ଶୁକ୍ରବାର ସୁବଳୟାଠାରେ ପାଲା ଓ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କ ନେତୃତ୍ୱରେ ସୁବଳୟା ବନାଞ୍ଚଳ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବସ୍ତି ପରିକ୍ରମା କରିଥିଲା । ହାଇସ୍କୁଲ ଛକ ନିକଟରେ ଦାସକାଠିଆ ପରିବେଷଣ କରାଯାଇଥିଲା ।

## ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟବନ୍ଦ

ବୌଦ୍ଧ,୧୯।୩(ସ୍ୱ.ପ୍ର): ବୌଦ୍ଧ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ (ସିଡିଭିଓ) ଅମିତାଭ ପଣ୍ଡାଙ୍କୁ ଗତ ବୁଧବାର କାର୍ଯ୍ୟାଳୟ ପରିସରରେ ମାଡ ମାରିଥିବା ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ଜିଲାର ସମସ୍ତ ପ୍ରାଣୀ ଚିକିତ୍ସାଳୟ ବନ୍ଦ ରହିଛି। ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସାଳୟଗୁଡିକ ବନ୍ଦ ରଖିବାକୁ କର୍ମଚାରୀମାନେ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ପ୍ରସଙ୍ଗରେ ରାଜ୍ୟ ସଂଘର କର୍ମକର୍ତ୍ତା କୃଷି ଓ ପଶୁସମ୍ପଦ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସଂଘର ସେଣ୍ଟ୍ରାଲ ଏକ୍‌ଜିକ୍ୟୁଟିଭ ବଡି ମୁଖ୍ୟ ଶଙ୍କର୍ଷଣ ମହନ୍ତ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
DOOROOMI MEDICAL PVT. LTD.
Required Smart Boys & Girls Candidates for Office Job.
Age: 18 - 30
Education: Matric to Graduate
108, Khandagiri Hill Road Bhubaneswar-30
9348916882

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨ା୦ ପଢିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 8800571120

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTANT: B.Com. with 2 years experience.
2. MARKETING MANAGER: MBA, experience in realestate sector.
3. RECEPTIONIST: 1 No. (Female)
4. OFFICE BOY: 2 Nos.
Contact:
9337469627 / 6371761144
E-mail:
rmcpl.hr@gmail.com

ଭୁବନେଶ୍ୱରସ୍ଥିତ
PETROL PUMP
ରେ ତେଲ ପକାଇବା ନିମନ୍ତେ ମହିଳା ପ୍ରାର୍ଥୀ ଆବଶ୍ୟକ
ଦରମା : ୧୩,୦୦୦/-
ବୟସ : ୨୨ ରୁ ୩୫ ବର୍ଷ
ଯୋଗାଯୋଗ : 9861925500
ସମୟ (ସକାଳ ୧୦ ଠାରୁ- ସନ୍ଧ୍ୟା ୬ଟା)

See Career Appointment on every Wednesday & Saturday

## ପ୍ରଶାସନ ହସ୍ତକ୍ଷେପ: ଫେରିଲେ ନିର୍ଯାତିତ ଶ୍ରମିକ ପରିବାର

ଲାଠୋର,୧୯।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡା ପଞ୍ଚାୟତ ସଦର ମାଲପଡା ଗ୍ରାମର କେଶଧର ସୁନାଙ୍କ ପରିବାର ଶୁକ୍ରବାର ତେଲେଙ୍ଗାନାରୁ ନିଜ ଗାଁକୁ ଫେରିଛନ୍ତି । ବ୍ଲକ ପ୍ରଶାସନ ଓ ଶ୍ରମ ବିଭାଗର ହସ୍ତକ୍ଷେପ ପରେ ସେଠାରେ ନିର୍ଯାତିତ ଜୀବନ ବିତାଉଥିବା ଏହି ଶ୍ରମିକ ପରିବାର ସୁରକ୍ଷିତ ଭାବେ ଘରକୁ ଫେରି ଆସିଥିବା ଦେଖିବାକୁ ମିଳିଛି। ଗତ ଫେବୃୟାରୀ ମାସରେ ସୁନା ଜଣେ ଦଲାଲଙ୍କ ଜରିଆରେ ତେଲେଙ୍ଗାନାର ରଙ୍ଗାରେଡି ଜିଲା କୁନ୍ଦୁକୁର ମଣ୍ଡଳ ନିକଟ ଗୁମୁଡାଭେଲି ଗ୍ରାମରେ ଥିବା ଏକ ଇଟା ଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ କିଛି ଦିନ କାମ କଲା ପରେ ମାଲିକ ଶ୍ରମିକମାନଙ୍କୁ ଦିନକୁ ୧୭ ଘଣ୍ଟା କାମ କରିବାକୁ ବାଧ୍ୟ କରିଥିଲେ। ଏ ନେଇ ସୁନା ଓ ତାଙ୍କ ପରିବାର ପ୍ରତିବାଦ କରିବାରୁ ସେମାନଙ୍କୁ ମାଡ ମରାଯିବା ସହ ନିର୍ଯାତନା ଦିଆଯାଇଥିଲା । ଫଳରେ ସେଠାରୁ କେମିତି ମୁକୁଳିବେ ସେନେଇ ମାଲପଡାସ୍ଥିତ ନିଜ ସମ୍ପର୍କୀୟଙ୍କୁ ଫୋନ ଯୋଗେ ଜଣାଇ ଉଦ୍ଧାର କରିବାକୁ ସୁନା ଆକୁଳ ନିବେଦନ କରିଥିଲେ । ପରେ ତାଙ୍କ ସମ୍ପର୍କୀୟ ଭାଇ ମୁକେଶ ସୁନା ଏ ସମ୍ପର୍କରେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ଏବଂ ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରାଙ୍କୁ ଅବଗତ କରିବାରୁ ସେମାନେ ଶ୍ରମିକମାନଙ୍କୁ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନେଇଥିଲେ। ଏହାକୁ ନେଇ ଦୈନିକ ଧରିତ୍ରୀରେ ତେଲେଙ୍ଗାନାରେ ଦାଦନ ପରିବାରକୁ ନିର୍ଯାତନା ଶୀର୍ଷକ ଖବର ଗତ ୧୨ ତାରିଖରେ ମଧ୍ୟ ପ୍ରକାଶ ପାଇଥିଲା। ଫଳରେ ମାଲିକ ସଂପୃକ୍ତ ଶ୍ରମିକ ପରିବାରଙ୍କୁ ଛାଡିବା ପାଇଁ ବାଧ୍ୟ ହୋଇଥିଲେ।



କେଶଧର ସୁନାଙ୍କ ପରିବାର।

## କୁହିମୁଣ୍ଡାକୁ ସ୍ଥାୟୀ ରାସ୍ତା ଦାବି

### ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଫେରାଦ

ଦେଓଗାଁ,୧୯।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡାକୁ ଏକ ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ଶୁକ୍ରବାର କୁହିମୁଣ୍ଡା ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏଯାଏ ଗାଁକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି । ଗତ ୧୬ ତାରିଖରେ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଦାବି କରିଥିଲେ । ତହସିଲଦାର ସରକାରୀ ଜମି ଚିହ୍ନଟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶୁକ୍ରବାର ବ୍ଲକ ଅଧ୍ୟକ୍ଷା ରୀନା ମେହେର ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସମେତ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ରାସ୍ତା ପାଇଁ ସ୍ଥାନ ଚିହ୍ନଟ ଦାବି କରିଛନ୍ତି ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. MSM-CW-KBJ-MV-4-21
କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ କଣ୍ଟାବାଞ୍ଜି ର କ୍ୟାରେଜ ଏବଂ ୱାଗନ ଡିପୋ ଠାରେ ପିକ୍-ଅପ୍ ଭ୍ୟାନ୍ ଭଡ଼ା ସୂତ୍ରରେ ନେବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹9,44,880/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରୀ ହେବା ତାରିଖ ଠାରୁ 24 (ଚବିଶି) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.04.2021 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ସମ୍ବଲପୁର
PR-634/L/20-21

## ଗରିବ ଲୋକଙ୍କ ଥଇଥାନ ଦାବି



ବିଜେଡି ପ୍ରତିନିଧି ମଣ୍ଡଳୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ବଲାଙ୍ଗୀର ଅଫିସ, ୧୯।୩

ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ଜମି ଜବରଦଖଲ କରି ରହିଥିବା ଲୋକଙ୍କୁ କିଛିଦିନ ପୂର୍ବରୁ ମ୍ୟୁନିସିପାଲିଟି ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ଅନେକ ଭୂମିହୀନ ଲୋକଙ୍କ ଘର ଭାଙ୍ଗି ଦିଆଯାଇଥିଲା । ଏହି ଗରିବ ଲୋକଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ବଲାଙ୍ଗୀର ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଶୁକ୍ରବାର ମ୍ୟୁନିସିପାଲିଟି ଅଫିସକୁ ଯାଇ ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କ ସହ ଆଲୋଚନା କରିଥିଲେ । ବିଷ୍ଣୁମୁଣ୍ଡା ନିକଟରେ ଥିବା ସରକାରୀ ଜାଗାରେ ଗରିବ ଲୋକଙ୍କୁ ଘରଡିହ ଯୋଗାଇ ଦେଇ ଥଇଥାନ କରିବାକୁ ସେ ଅନୁରୋଧ କରିଥିଲେ। ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ନିର୍ବାହୀ ଅଧିକାରୀ ଦୀପ କହିଥିବା ଜଣାପଡିଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ଯୁବନେତା ସିଂଦେଓଙ୍କ ସହ ଓଙ୍କାର ନାୟକ, ଜୟରାମ ମିଶ୍ର, ଧ୍ରୁବ ଜୁଏଡ, ଶିବ ବେହେରା, ମୁନା ଖାନ୍, ଶମ୍ଭୁ ନାଗ ପ୍ରମୁଖ ଯାଇ ଆଲୋଚନା କରିଥିଲେ ।

## ଶଙ୍କରାକୁ ପଞ୍ଚତାରକା ଗ୍ରାମ୍ୟ ମାନ୍ୟତା

ବିନିକା,୧୯।୩(ଡି.ଏନ୍.ଏ.)

ଭାରତ ସରକାରଙ୍କ ଡାକ ମନ୍ତ୍ରଣାଳୟ ପକ୍ଷରୁ ବଲାଙ୍ଗୀର ପୋଷ୍ଟାଲ ଡିଭିଜନ ଅନ୍ତର୍ଗତ ବିନିକା ସବ୍‌ପୋଷ୍ଟ ଅଫିସ ଅଧୀନ ଶଙ୍କରା ଗ୍ରାମକୁ ଶୁକ୍ରବାର ପଞ୍ଚତାରକା ଗ୍ରାମ ଭାବେ ଘୋଷଣା କରାଯାଇଛି। ଡାକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ମାନ୍ୟତା ମିଳିଛି। ଏହି ଅବସରରେ ସୁପରଭାଇଜର ଶିବ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ବଲାଙ୍ଗୀର ଡାକ ଅଧୀକ୍ଷକ ସର୍ବେଶ୍ୱର ବଳିଆରସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶଙ୍କରା ଡାକଘର ପକ୍ଷରୁ ବିଭିନ୍ନ ଯୋଜନାରେ ୧୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ସଂଯୋଗ କରିଥିବାରୁ ଶଙ୍କରା ଗ୍ରାମକୁ ପଞ୍ଚତାରକା ଗ୍ରାମ ମାନ୍ୟତା ଦିଆଗଲା ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଚରଦା ସରପଞ୍ଚ ସଦାନନ୍ଦ ଥନାପତି, ଶାଖା ପରିଚାଳକ ଆଇପିପିବି ସୋନପୁର କୃଷ୍ଣଚନ୍ଦ୍ର ନାଏକ, ବଲାଙ୍ଗୀର ଡିଭିଜନ ଅଫିସର ବିଜିନେସ ଏକ୍‌ଜକ୍ୟୁଟିଭ ପ୍ରଶାନ୍ତ କୁମାର ଜାଲ, ଶଙ୍କରା ସମିତି ସଭ୍ୟ ନିରଞ୍ଜନ ଭୋଇ, ୱାର୍ଡ ସଭ୍ୟ ନନ୍ଦିନୀ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶଙ୍କରା ଡାକ ଶାଖା ପକ୍ଷରୁ ଅଞ୍ଚଳର ଅଧିକାଂଶ ଲୋକ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମାରେ ସାମିଲ ହୋଇଥିବାରୁ ଶଙ୍କରା ଡାକ ଶାଖାର ପୋଷ୍ଟ ମାଷ୍ଟର ନିତୁରାଣୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ଶଙ୍କରା ପୋଷ୍ଟ ମାଷ୍ଟର ନିତୁରାଣୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## କ୍ରିକେଟ୍: ଏସ୍‌ଡିସିଏ (ଏଫ୍) ବିଜୟୀ

ସୋନପୁର,୧୯।୩(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଭିଜନ-୨୪କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡିଶା କ୍ରିକେଟ ଆସୋସିଏଶନ ପ୍ରାୟୋଜିତ ଏହି ଟୁର୍ନାମେଣ୍ଟରେ ଜିଲାର ପ୍ରମୁଖ କ୍ରିକେଟ ଖେଳାଳିମାନେ ଅଂଶଗ୍ରହଣ କରିବେ। ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରିକେଟ୍ ଆସୋସିଏଶନର ସଭାପତି ରାମଶଙ୍କର ସାହୁ, ସମ୍ପାଦକ ପ୍ରଦୀପ ସେଠୀ, ଉପସଭାପତି କ୍ଷେତ୍ରବାସୀ ସାହୁ ଓ ବି. ସତ୍ୟନାରାୟଣ ପାତ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଏସଡିସିଏ(ସି) ଓ ଏସଡିସିଏ(ଏଫ୍) ଦଳ ମଧ୍ୟରେ ହୋଇଥିଲା। ଏସଡିସିଏ(ସି) ଦଳ ଟସ ଜିତି ବ୍ୟାଟିଂ କରି ସମସ୍ତ ଉଇକେଟ୍ ବିନିମୟରେ ୨୯ ଓଭରରେ ୧୪୧ ରନ କରିଥିଲା। ଜବାବରେ ଏସଡିସିଏ (ଏଫ) ଦଳ ୧୮.୧ ଓଭରରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରି ବିଜୟୀ ହୋଇଥିଲା। ସ୍କୋରର ଥିଲେ ପାର୍ଥ ଓ ଦିନେଶ ଘିବେଲା। ଶ୍ୟାମସୁନ୍ଦର ପଣ୍ଡା ଓ କୁନା ନାଏକ ଖେଳ ପରିଚାଳନା କରିଥିଲେ। ଶନିବାର ମ୍ୟାଚ୍ ଏସଡିସିଏ(ବି) ଓ ଏସଡିସିଏ (ଡି) ମଧ୍ୟରେ ଅନୁଷ୍ଠିତ ହେବ ।

